DOI :https://doi.org/10.5281/zenodo.15253308 ମୂଳ ପ୍ରବନ୍ଧ

# ଆୟତ୍ତ କରିବା କାହାକୁ

**ରଞ୍ଜନ କୁମାର ଖଣ୍ଡା**

**ସଂକ୍ଷିପ୍ତସାର :**

"ଆୟତ୍ତ କରିବା କାହାକୁ" ଏହି ରଚନାଟି ଏକ ମୌଳିକ ପ୍ରବନ୍ଧ । ଏହା ଏକ ଚିରାଚରିତ କଥା ହେଲେ ମଧ୍ୟ ଏହି ସ୍ୱଳ୍ପ କଥାରେ ଅନେକ ତାତ୍ପର୍ଯ୍ୟ ରହିଛି । ଯାହାକୁ ମୁଁ ଏଥିରେ ଉପସ୍ଥାପନା କରିଛି । ପ୍ରବନ୍ଧଟିକୁ ଲେଖିବା ସମୟରେ ଅନେକ କଥା ତ ମନକୁ ଆସିଛି ମାତ୍ର ସେସବୁର ରୂପ ଦେବା ସମ୍ଭବ ହୋଇପାରିନି । ଏଥିରେ ଭଗବତ୍ ଗୀତା, ଅନେକ ଜଣାଶୁଣା ଅଖ୍ୟାୟିକା, ସାମ୍ପ୍ରତିକ ସମସ୍ୟା ଆଦିକୁ ଆଧାର କରି ଏହି ପ୍ରବନ୍ଧଟି ରଚିତ ହୋଇଛି । ଯେଉଁଥିରେ ସାମାଜିକ ମୂଲ୍ୟବୋଧକୁ ଦେଖାଇବାକୁ ଚେଷ୍ଟା କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ଓଡ଼ିଆ ଭାରି ବଢ଼ିଆ ଆଉ ଅଣ-ଓଡ଼ିଆ ସବୁ 'ଡ଼' ଡିଆ, ବାଣୀର ମହତ୍ୱ, ଛି'କାର, ସାମାଜିକ ମୂଲ୍ୟବୋଧ, ଅତି କଥନର ବିପର୍ଯ୍ୟୟ, ଓଲଟ ବୃକ୍ଷର ବିବରଣୀ ।

ଗୀତାର ଧ୍ୟାନ ଯୁଗରେ କୁହାଯାଇଛି- "ଚଞ୍ଚଳ ହିଁ ମନଃ କୃଷ୍ଣ ପ୍ରମାଥି ବଳବଦ୍‌ଦୃଢମ / ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ।।୩୪।।" ଅର୍ଥାତ ମନ ହିଁ ଚଞ୍ଚଳ । ଏହା ଏତେ ଦୁର୍ଦ୍ଦାନ୍ତ ଓ ଉଦ୍ଧତ ଯେ ଏହାକୁ ଆୟତ୍ତ କରିବା କଠିନ ବ୍ୟାପାର । ଯେପରି ବାୟୁକୁ ଅଟକାଇ ହୁଏ ନାହିଁ, ଠିକ୍ ସେହିପରି ମନର ଚଞ୍ଚଳ ସ୍ୱଭାବକୁ ଅଟକାଇ ହୁଏ ନାହିଁ । ତେଣୁ କୁହାଯାଏ ମନ ହିଁ ସର୍ବଦା ଚଞ୍ଚଳ ଓ ବଳିଷ୍ଠ । ଯାହାକୁ ନିଜର ଫାଶରେ ବାନ୍ଧି ରଖିବା ମୁସ୍କିଲ୍ ହୋଇପଡ଼େ । ବ୍ୟକ୍ତିରତ ଶରୀର ପଞ୍ଚ ଇନ୍ଦ୍ରୀୟ ଦ୍ୱାରା ଗଠିତ ଏବଂ ନିୟନ୍ତ୍ରୀତ ମଧ୍ୟ । ଯଦି ଏଥିରୁ କୌଣସି ଗୋଟିକର ଅବାବ ଘଟେ ତେବେ ବ୍ୟକ୍ତିର ମୃତ୍ୟୁ ହୁଏ । ପୁଣି ଏହି ପଞ୍ଚ ଇନ୍ଦ୍ରୀୟକୁ ନିୟନ୍ତ୍ରଣ କରେ ତିନି ମହାଶକ୍ତି ଯାହାର ବିନା ଚଳନରେ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼େ । ଇଡ଼ା, ପିଁଗଳା ଓ ସୁଷୁମ୍ନା । ଏହି ତିନି ଶକ୍ତି ଶରୀରର ସମସ୍ତ ସ୍ଥାନରେ ବାୟୁର ବେଗକୁ ପହଞ୍ଚାଇଥାନ୍ତି । ମାତ୍ର ଅତ୍ୟଧିକ ପ୍ରବାହ ହିଁ ବିନାଶର କାରଣ ପାଲଟେ । ତେଣୁ ଏହାକୁ ଆୟତ୍ତ କରିବା ପାଇଁ ଯୋଗ, ଧ୍ୟାନ, ବ୍ୟାୟାମ ଦ୍ୱାରା ନିୟନ୍ତ୍ରୀତ କରାଯାଇଥାଏ ।

ଇଏତ ଗଲା ବ୍ୟକ୍ତିର ଶରୀର ଗଠନର ପରିପାଟୀ । ବର୍ତ୍ତମାନ ଦେଖିବା ଏହି ଶରୀର ରୂପୀ ଓଲଟ ବୃକ୍ଷର ପତ୍ର, ଫୁଲ ଓ ପୁଷ୍ପ ନାମକ ଯେଉଁ ତିନୋଟି ବସ୍ତୁ ରହିଛି, ତାହାର ପରିଭାଷାଟି କିପରି । ସାଧାରଣତଃ ବୃକ୍ଷରେ ଯେଉଁ ପତ୍ର କଅଁଳେ ତାହା ବୃକ୍ଷକୁ ସୌନ୍ଦର୍ଯ୍ୟ ମଣ୍ଡିତ କରେ । ଏଥିସହିତ ତାହାର ମୃଦୁମନ୍ଦ ଲାଳିକାରେ ଜନମାନସକୁ ଉଲ୍ଲସିତ କରିଥାଏ । ଅନ୍ୟକୁ ନିଜ ଆଡ଼କୁ ଆକର୍ଷିତ କରିବା ସହିତ ଶୀତଳତା ପ୍ରଦାନ କରିଥାଏ । ମାତ୍ର ପତ୍ରର ବହଳତା କାରଣରୁ ମୃଦୁମନ୍ଦରୁ ଭୀଷଣକାୟ ଝଡ଼ ସୃଷ୍ଟି କରିଥାଏ । ଯାହାକି ସମଗ୍ର ଜନମାନସ ଓ ପ୍ରାଣୀଜଗତ ତାହାର ବିରୋଧ ପାଲଟି ଯାଆନ୍ତି । ଋତୁ କ୍ରମିକତା ବଳରେ ବସନ୍ତ ଋତୁର ଆଗମନ ହୁଏ । ଏବଂ ସମଗ୍ର ପ୍ରାଣୀଜଗତରକୁ ତାହାର ସ୍ୱରଝଙ୍କାରରେ ଉଲ୍ଲସିତ କରାଇଥାଏ, ପୁଣି ତାହା ଗ୍ରୀଷ୍ମର ପ୍ରବାହରେ କାଳ ବୈଷାଖି ଯେପରି ନ ପାଲଟିବ ସେଥିପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ । ପ୍ରକାରନ୍ତରେ ବସନ୍ତ ଋତୁର

**ଯୋଗାଯୋଗ :**
**ରଞ୍ଜନ କୁମାର ଖଣ୍ଡା,** ଓଡ଼ିଆ ଅଧ୍ୟାପକ
ଝାଡ଼େଶ୍ୱର ଜୁନିୟର ମହାବିଦ୍ୟାଳୟ, ଟୋଲକାନୀ, ଯାଜପୁର
**Email:** ranjankumarkhanda@gmail.com
**ORCID ID:** https://orcid.org/0009-0001-9625-2354

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୨.୨୦୨୪ | ୧୦.୦୨.୨୦୨୫ | ୨୫.୦୩.୨୦୨୫ | ୧.୦୪.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : **ଖଣ୍ଡା,** ରଞ୍ଜନ କୁମାର; ୨୦୨୫ । ଆୟ କରିବା କାହାକୁ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : କ; ପୃଷ୍ଠା :୩୩-୩୭ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253308
Article No - BPP00285

ଆଗମନ ପରି ଶରୀରର ବିକାଶ ହିଁ ଉପନୀତ ସମୟରେ ଅତ୍ୟଧିକ ବୟୋବୃଦ୍ଧି କରିଥାଏ । ତେଣୁ ପତ୍ର ରୂପି ବାଣୀ ହିଁ ଉଚତ ସମୟରେ ତାହାର କାର୍ଯ୍ୟ ପ୍ରଣାଳୀକୁ ଦେଖାଇଥାଏ, କିନ୍ତୁ ରକ୍ଷ ବାଣୀ ହିଁ ସମସ୍ତଙ୍କର ବିରୋଧ ହୋଇଯାଏ । ଏହାର ଗୋଟିଏ ଯୋଡ଼େ ଉଦାହରଣ ଦେଇ କଥାଟିକୁ ସରଳ ଭାବରେ କହି ଦେଉଛି ।

ସମସ୍ତେ ଅଳ୍ପ ବହୁତେ ପୁରାଣ ବର୍ଣ୍ଣିତ ଅଯୋଧ୍ୟାର ରାଜା ଦଶରଥଙ୍କୁ ଜାଣିଥିବେ । ଏହି ରାଜା ଦଶରଥ ଜଣେ ପ୍ରଜାବତ୍ସଳ ହେବା ସହିତ ବହୁତ ଭଲ କୁଶଳୀ ଯୋଦ୍ଧା ମଧ୍ୟ ଥିଲେ । ତେଣୁ ବର୍ହିଶତୃକୁ ଦମନ କରି ସ୍ୱରାଜ୍ୟର ପ୍ରଜାଙ୍କୁ ପାଳନ କରୁଥିଲେ । ଏଥିସହିତ ତାଙ୍କର ତିନିରାଣୀ ଯଥା- କୌଶଲ୍ୟା, କୈକେୟୀ ଓ ସୁମିତ୍ରା ଥିଲେ । ସମସ୍ତ ରାଣୀଙ୍କୁ ରାଜା ଭଲ ପାଉଥିଲେ ମଧ୍ୟ ସେ ମଧ୍ୟମା ରାଣୀ କୈକେୟୀଙ୍କୁ ଅତ୍ୟଧିକ ଭଲ ପାଉଥିଲେ । କୈକେୟୀ ଜଣେ ଅପରୂପା ସୁନ୍ଦରୀ ଥିଲେ । ସେ କୈକେୟା ନାମକ ରାଜ୍ୟର ରାଜା ଅଶ୍ୱପତିଙ୍କ ଏକମାତ୍ର କନ୍ୟା ଥିଲେ । କିକେୟା ରାଜ୍ୟକୁ କୌଣସି ଏକ କାରଣ ବଶତଃ ଅଯୋଧ୍ୟାର ରାଜା ଦଶରଥ ଯାଆନ୍ତି ଓ ସେଠାରେ କୈକେୟୀଙ୍କୁ ବିବାହ କରନ୍ତି । କୈକେୟୀ ଜଣେ ଦକ୍ଷ ଓ କୁଶଳୀ ଯୋଦ୍ଧା ମଧ୍ୟ ଥିଲେ । ତେଣୁ ରାଜା ଦଶରଥଙ୍କ ସହ ସେ ମଧ୍ୟ ଯୁଦ୍ଧ ଭୂମିରେ ଉପନୀତ ହୋଇ ଯୁଦ୍ଧ କରୁଥିଲେ ଓ ସ୍ୱାମୀ ଦଶରଥଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । ଏପରି ଦିନ ପରେ ଦିନ ବିତିଯାଏ, ସ୍ୱର୍ଗର ରାଜା ଦେବାରାଜ ଇନ୍ଦ୍ରଙ୍କୁ ସାହାଯ୍ୟ କରିବା ପାଇଁ ସମ୍ବରାସୁର ସହ ଯୁଦ୍ଧ କରିଥିଲେ । ସେଠାରେ ଦଶରଥଙ୍କ ଆଡ଼କୁ ଆସୁଥିବା ମରଣାନ୍ତକ ଶସ୍ତ୍ରକୁ ବିରୋଧ କରି ସ୍ୱାମୀଙ୍କୁ ସୁରକ୍ଷା ଦେଇଥିଲେ ଓ ଯୁଦ୍ଧ କରିଥିଲେ । ଫଳସ୍ୱରୂପ ରାଜା ଦଶରଥ ତାଙ୍କ ଉପରେ ପ୍ରୀତ ହୋଇ ଦୁଇଟି ବର ମାଗିବା ପାଇଁ କହିଥିଲେ, ଏବଂ ତ୍ରିବାର ସତ୍ୟ କରି କହିଥିଲେ ଯେବେ ତୁମେ ଇଛା କରିବ ସେତେବେଳେ ମୁଁ ଏହି ବର ଦୁଇଟି ତୁମକୁ ଦେବି ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । କିନ୍ତୁ ସେଦିନ କୈକେୟୀ ତାଙ୍କୁ କିଛି ବି ବର ମାଗି ନଥିଲେ ।

ସମୟ ଅତିବାହିତ ହୋଇଯାଏ । ଥରେ ରାଣୀ କୈକେୟୀ ଉଦ୍ୟାନରେ ବୁଲୁଥିବା ବେଳେ ଗଛ ଡାଳରେ ବସିଥିବା ପକ୍ଷୀ ଯୁଗଳଙ୍କର କଥାକୁ ଶୁଣିଥିଲେ । କାରଣ ସେ ବିଭିନ୍ନ ପ୍ରଜାତିର ପ୍ରାଣୀମାନଙ୍କର ଭାଷାକୁ ସହଜରେ ଜାଣି ବୁଝି ପାରୁଥିଲେ । ପକ୍ଷୀ ଯୁଗଳ ରାଜା ଦଶରଥଙ୍କର ଜ୍ୟେଷ୍ଠ ପୁତ୍ର ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକକୁ ନେଇ ଚର୍ଚ୍ଚା କରୁଥିଲେ । ଶୁକ ପକ୍ଷୀଟି ତାର ସହଧର୍ମିଣୀକୁ କହୁଥାଏ କି ଏବେଠାରୁ ଅଯୋଧ୍ୟା ଶ୍ରୀହୀନ ହୋଇଯିବ । ରାମଙ୍କର ରାଜ୍ୟାଭିଷେକ ହିଁ ତାଙ୍କର ମୃତ୍ୟୁର କାରଣ ହେବ । କାରଣ ଏବେଠାରୁ ଚଉଦ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ଶନିଙ୍କର ପ୍ରଭାବ ପଡ଼ିବ । ଏହାଶୁଣି ରାଣୀ କୈକେୟୀ ସ୍ତବ୍ଧ ହୋଇଗଲେ । ନିଜର ପ୍ରାଣ ଠାରୁ ଅଧିକ ଭଲ ପାଉଥିବା ପୁତ୍ର ରାମଚନ୍ଦ୍ରଙ୍କର ମୃତ୍ୟୁ ହେବ ଏହା ସେ ସହଜେ ଗ୍ରହଣ କରିପାରିଲେ ନାହିଁ । ଫଳରେ ସେ ରାଜା ଦଶରଙ୍କ ଠାରୁ ଦୁଇଟି ବରରେ ରାମକୁ ଚଉଦ ବର୍ଷ ବନବାସ ଭୋଗ ଓ ନିଜ ପୁତ୍ର ଭରତକୁ ଅଯୋଧ୍ୟାର ରାଜା ହେବାର ବର ମାଗିନେଲେ । ଏଇଠି ପ୍ରଶ୍ନ ଉଠୁଛି ବାଣୀର ସ୍ୱଷ୍ଟତା । ନିୟତି କଥା ଛାଡ଼ । ନିୟତି ରାମଙ୍କ ପାଇଁ ଓ ଅଯୋଧ୍ୟା ପାଇଁ କ'ଣ ରଖିଥିଲା ସେ କଥା ପରର ମାତ୍ର ବାଣୀର ରକ୍ଷତା ଏତେ ହେଲା ଯେ ସମଗ୍ର ଅଯୋଧ୍ୟାବାସୀ ତାଙ୍କୁ ତାସ୍ଛଲ୍ୟ କରିବାକୁ ଲାଗିଲେ । ଛିଫକାରରେ କମ୍ପି ଉଠିଲା ସମଗ୍ର ଅଯୋଧ୍ୟା ନଗର । ଯେଉଁ ରାଣୀଙ୍କୁ ରାଜା ଅନ୍ତରର ସହ ଭଲ ପାଉଥିଲେ, ପ୍ରଜାମାନେ ତାଙ୍କୁ ନେଇ ଗର୍ବ କରୁଥିଲେ , ଶେଷରେ ସେଇ ରାଜା ଓ ପ୍ରଜା ତାଙ୍କର ବାଣୀର କଠୋରତାକୁ ସହ୍ୟ କରି ପାରିଲେ ନାହିଁ । ପୁଣି ପ୍ରଶ୍ନ ଉଠେ ଏମିତି କେମିତି ହେଲା । ଭରତ ତ ରାଜ୍ୟରେ ନଥିଲା କି ରାଜା ହୋଇନଥିଲା, ତେବେ ମାତାଙ୍କ କହିବା ମୁତାବକ ଭରତ ରାଜା ହେଲେ ରାମ ବନବାସ ଯିବ କିନ୍ତୁ ରାମ ଭରତର ରାଜ୍ୟାଭିଷେକ ପୂର୍ବରୁ କାହିଁକି ଗଲା ? ଟିକିଏ ତଳେଇ ଦେଖିଲେ ଏଇଟି ବାଣୀ ବା ବଚନର ମର୍ଯ୍ୟାଦାକୁ ଉପଲବ୍ଧି କରିହୁଏ । ରାଜା ଦଶରଥ ଚାହିଁଥିଲେ ରାଣୀ କୈକେୟୀଙ୍କୁ ଏଇ ଦୁଇବର ଦେଇନଥାନ୍ତେ, କିନ୍ତୁ ସେ ତାହା କଲେ ନାହିଁ । ପ୍ରାଣ ଚାଲିଯିବ ପଛେ ବଚନ ରହିବା ନ୍ୟାୟରେ ସେ ଏସବୁ କିଛିକୁ ସହିନେଲେ । ତେଣୁ ବଚନ କହିବା ବା ବଚନ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅତି ଅନନ୍ଦରେ କାହାକୁ ଏପରି କିଛି ବଚନ ଦିଅ ନାହିଁ ଯାହାକି ପତ୍ରର ବହଳତା ପରି ତୀବ୍ର ଝଡ଼ ଆଣିଦେବ ପରବର୍ତ୍ତୀ ସମୟରେ ।

ତେଣୁ ପୁରାଣର ପୃଷ୍ଠାକୁ ଯଦି ଓଲଟାଇବା ତେବେ ବାଣୀର ଏହି ମହତ୍ୱକୁ ଜାଣିପାରିବା । ତେଣୁ ଆୟତ୍ତ କରିବା କାହାକୁ ? ବଚନ ଦେବା ଲୋକକୁ ନା ବଚନ ଭାଙ୍ଗିବା ଲୋକକୁ । ଏଠାରେ ସାମ୍ପ୍ରତିକ ମୂଲ୍ୟବୋଧ ନେଇ ବଞ୍ଚୁଥିବା ଆଉ ଏକ କାହାଣୀର ଅବତାରଣା କରୁଛି, କୌଣସି ଏକ କଲେଜରେ ଦୁଇ ଅଧ୍ୟାପକ ଜଣେ ଇଂଲିଶର ଓ ଅନ୍ୟ ଜଣେ ଓଡ଼ିଆ ବିଷୟର ଅଧ୍ୟାପକ । ଦୁହେଁ ବହୁତ ଭଲ ସାଙ୍ଗ । ବହୁତ କହିଲେ ବହୁତ ଭଲ । କଥାରେ ଅଛି 'ଓଡ଼ିଆ ଭାରି ବଢିଆ ଆଉ ଅଣ-ଓଡ଼ିଆ ସବୁ ଫଡ଼ଫଡିଆ' । କଥାର ଅର୍ଥ କ'ଣ କି ଦୁଇ ବନ୍ଧୁଙ୍କ ଭିତରେ ଫରକ ଏତିକି ଯେ ଦୁହିଁଙ୍କର ଚିନ୍ତାଧାରା ଅଲଗା ଅଲଗା । ହେବା ବି ସ୍ୱଭାବିକ । କାରଣ ଜଣେ ଦେଶୀ ହେଲେ ଆଉ ଜଣେ ବିଦେଶୀର ଶୈଳୀ ବା ଢାଂଚାକୁ ଗ୍ରହଣ କରିଛନ୍ତି । ଇଂଲିଶର ଅଧ୍ୟାପକ ହେଲେ ମଧ୍ୟ ସେ ସବୁକିଛି ଜାଣେ ସବୁ ବୁଝେ ହେଲେ କିଛି କଥା ରଖେ ନାହିଁ । ଥରେ ଦୁଇ ବନ୍ଧୁ ଏକାଠି ଖାଉଥିଲା ବେଳେ ଅନେକ ବାର୍ତ୍ତାଳାପ ହେଲା ସେଇ ଭିତରେ ସିଗାରେଟ ଟାଣିବା ପ୍ରସଙ୍ଗ ଉଠିଲା । ଓଡିଆ ଅ୍ଧାପକର ସିଗାରେଟ ଆଲର୍ଜି । ତେଣୁ ସେ ସେହି ଖରାପ ଅଭ୍ୟାସ ଠାରୁ ବହୁତ ଦୂରରେ

ବୁଲି କହିଲା କିନ୍ତୁ ଇଂଲିସ ଅଧ୍ୟାପକ ତା କଥା ଶୁଣି ପରିହାସ କଲା । ଏମିତି କଥା ଚାଲିଲା ତ ଚାଲିଲା । ଓଡ଼ିଆ ଅଧ୍ୟାପକଙ୍କୁ ଡର ଥାଏ କି ତାର ବନ୍ଧୁ ଏହି କୁଅଭ୍ୟାସକୁ ନଛାଡ଼ିଲେ ଆଗକୁ ମଧ୍ୟ କିଛିବି ଅଘଟଣ ହୋଇପାରେ । ତେଣୁ ସେ ମନେ ମନେ ନିର୍ଣ୍ଣୟ କଲା ସେ ତାର ବନ୍ଧୁକୁ ଏସବୁ ଖରାପ ଅଭ୍ୟାସରୁ ଦୂରରେ ରଖିବା ପାଇଁ । ତେଣୁ ସେଠାରେ ସେ ବନ୍ଧୁତାର ଦ୍ୱାହୀ ଦେଇ କହିଲା ମୋର ଗୋଟେ କଥା ରଖିବ ବନ୍ଧୁ । ବନ୍ଧୁର କଥା ଶୁଣି ଇଂଲିଶି ଅଧ୍ୟାପକ ସଙ୍ଗେ ସଙ୍ଗେ ହଁ କରିଦେଲେ କି ତୁମେ ଯାହା କହିବ ମୁଁ ସେଇ କଥା ରଖିବି । ଓଡ଼ିଆ ଅଧ୍ୟାପକଙ୍କୁ କଥାଟା ଟିକିଏ ଅଡୁଆ ଲାଗିଲା, ତେଣୁ ସେ ପୁଣି ଥରେ ସେହି କଥାଟିକୁ ଦୁହରେଇଲା, ଇଂଲିଶ୍ ବନ୍ଧୁ ପୁଣି ଥରେ ହଁ ରଖିବି ବୋଲି କହିଲେ । କିନ୍ତୁ ଥରେ ହେଲେ ସେ ଭାବିଲେ ନାହିଁ କି ତାଙ୍କ ବନ୍ଧୁ କ'ଣ କହିବାକୁ ଚାହୁଁଛନ୍ତି । ଇଂଲିଶ୍ ବନ୍ଧୁର କଥା ଶୁଣି ଓଡ଼ିଆ ବନ୍ଧୁ କହିଲା କି ତମେ ମୋତେ କଥା ଦିଅ ଏଇ ଭାତ ମୁଠାର ରାଣ କି ତମେ କେବେ ଆଜିଠାରୁ ଆଉ ସିଗାରେଟ ଭଳି ଖରାପ ଜିନିଷକୁ ଗ୍ରହଣ କରିବ ନାହିଁ । ଓଡ଼ଆ ବନ୍ଧୁର ଏପରି ବଚନ ଶୁଣି ସ୍ତବ୍ଧ ହୋଇଗଲେ କିଛିକ୍ଷଣ ପାଇଁ । ଆଉ ଜୋରରେ ହସି ହସି କହିଲେ ଏଇ ଗୋଟିଏ କଥା ମୋତେ କହିଲ ବନ୍ଧୁ । ଏଥିପାଇଁ ଏତେ ସମୟ ନେଇଗଲ କହିବା ପାଇଁ । ତୁମେ ମୋର ବନ୍ଧୁ ତୁମ ପାଇଁ କିଛି ବି କରିପାରେ ଏଇ ଟିକକ କଥା ରଖିପାରିବି ନାହିଁ । ହଁ ମୁ କଥା ଦେଉଛି ତୁମ କଥା ହିଁ ରହିବ ମୁଁ ଆଉ ଆଜିଠାରୁ କେବେ ସିଗାରେଟ ପିଇବି ନାହିଁ । କଥା ରହିଲା ।

ଏମିତି କିଛି ମାସ ବିତିଗଲା । ମଝିରେ ମଝିରେ ଓଡ଼ିଆ ବନ୍ଧୁ ମନେ ପକାଇ ଦିଅନ୍ତି ସିଗାରେଟ କଥା । ସେହି ସମୟରେ ଉତକ୍ଷିପ୍ତ ହୋଇ ଉଠନ୍ତି ଇଂଲିଶ୍ ବନ୍ଧୁ, ଆଉ କୁହନ୍ତି ତୁମର ମୋ ଉପରେ କ'ଣ ଭରସା ନାହିଁ, ବିଶ୍ୱାସ ବି ନାହିଁ । ମୁଁ ଥରେ କହିଦେଲି ମାନେ ସେ ସବୁ ଛାଡ଼ିଦେବି ବୋଲି ଛାଡ଼ିଦେଲି । ମୋତେ ଆଉ କହିବାକୁ ପଡିବନି । ଗ୍ରୀଷ୍ମ ଛୁଟି ହୁଏ ସମସ୍ତେ ନିଜ ନିଜ ଘରକୁ ଚାଲିଯାଆନ୍ତି । କଥା ଚାଲିଥାଏ । ପୁଣି କଲେଜ ଖୋଲେ ଦୁଇ ବନ୍ଧୁ ପୁଣି ଏକାଠି ହୁଅନ୍ତି । ଏଇ ଭିତରେ ସବୁ କିଛି ବଦଳିଲା ବଦଳିଲା ଲାଗୁଥାଏ ଓଡ଼ିଆ ବନ୍ଧୁକୁ । ସେ ପୁଣି ମନେ ପକାଇ ଦିଅନ୍ତି ସେଇ ସିଗାରେଟ କଥା । ପୁଣି ସେଇ ଗୋଟିଏ ଉତ୍ତର । କିନ୍ତୁ ସତ କେବେ ଲୁଚି ରହେନା ନ୍ୟାୟରେ ଦିନେ ଓଡ଼ିଆ ବନ୍ଧୁର ସନ୍ଦେହ ହୁଏ, ତେଣୁ ସେ ଖୋଲାଖୋଲି ପଚାରନ୍ତି । ସବୁ ମିଛ କହିସାରିବା ପରେ ସେମାନେ ଯେ ସେ କେବେ ବି ସିଗାରେଟ ଟାଣିବା ଛାଡ଼ନଥିଲେ ଅଜିଯାଏ । କିଛିଦିନ ଛାଡ଼ିଥିଲେ କିନ୍ତୁ ତା ପରେ ତାକୁ ଛାଡ଼ି ନଥିଲେ । କଥାଟି ସ୍ପଷ୍ଟ ହେଲା । ଏଠି କାହାକୁ ବିଚଳିତ ଲାଗିଥିବ ? କାହାକୁ କଷ୍ଟ ଲାଗିଥିବ ? ବଚନ ଦେବା ଲୋକକୁ ନା ବଚନ ନେବା ଲୋକକୁ । ଏହାର ଉତ୍ତର ସମସ୍ତଙ୍କ ଅଗୋଚର ନିମନ୍ତେ ଜଣାଇଦେଉଛି ଏହି କଷ୍ଟ ଓ ଯନ୍ତ୍ରଣା ବଚନ ନେବା ଲୋକକୁ ହିଁ ଲାଗିବ । କାରଣ ଏଠାରେ ବିଶ୍ୱାସର, ଭଲ ପାଇବାର ଆଉ ଭରଷାର ମୃତ୍ୟୁ ଘଟିଲା । ଯାହାକି ଯେତେ ପଛରେ ଭଲେଇ ହେଲେ ସେ ବିଶ୍ୱାସ ଘାତକତାର କଥାଟି ମନକୁ ଆସିବ । ସବୁବେଳେ କହିଆସୁଥିବା ବନ୍ଧୁଟି ମୋ ଉପରେ କ'ଣ ଭରଷା ନାହିଁ ଶବ୍ଦଟି ଶେଷରେ ଭରଷା ଶୂନ୍ୟ ପାଲଟି ଗଲା । ବହୁ ବଚସା ପରେ ଇଂଲିଶ ବନ୍ଧୁଟି କହିଲା ମୁଁ ତ ଆଜି ପର୍ଯ୍ୟନ୍ତ କାହା କଥା ରଖିନି ତୁମ କଥା କମିତି ରଖିବି । ଏଠାରେ ଗୋଟେ କଥା କି ସେ ବନ୍ଧୁ କ'ଣ ସତରେ ବନ୍ଧୁତ୍ୱର ଭାଷାକୁ ବୁଝିଥିଲା ନା ବୁଝିବାର ଅଭିନୟ କରୁଥିଲା । ତେଣୁ ଏଠାରେ ପ୍ରଶ୍ନ ଉଠେ ଆୟତ୍ତ କରିବା କାହାକୁ ? ବଚନ ଦେବା ଲୋକକୁ ନା ବଚନ ନେବା ଲୋକକୁ । ଯାହାର ଛଳନା ହିଁ ତାହାର ଚିରସାଥୀ । ନା ସେ ବ୍ନବାଧକତା ? ଏହା ଅପଣ ମାନେ ଚିନ୍ତା କରିବେ ।

ବାଣୀ ମଧୁରମୟ ଓ ଆକର୍ଷକ ସେତେବେଳେ ହୋଇଥାଏ, ଯେତେବେଳେ ପର୍ଯ୍ୟନ୍ତ ବାକ୍‌ପଟୁତା ଧିର ଥିବ । ମାତ୍ର ଏହାର ତୀବ୍ରତାରେ ତାହା ବିରକ୍ତି ଭାବର ଉତ୍ସ ପାଲଟିଯାଏ । ସମସାମୟିକ ସମାଜରେ ଅନେକ ସମୟରେ ଏପରି ଅନେକ ଦୃଶ୍ୟ ଆମେ ଦେଖୁ, ଶୁଣୁ ମାତ୍ର ତାହା ପ୍ରତି ଧ୍ୟାନ ଦେଉନା । ତେଣୁ ଏହାକୁ ଆୟତ୍ତ କରିପାରିଲେ ଯାଇ ବ୍ୟକ୍ତିର ମହତ୍ୱ ବଢ଼ି ଉଠିଥାଏ । ଆଉ ଏକ ପ୍ରସଙ୍ଗ ଏଠରେ ରଖୁଛି । ଶ୍ୟାମବନ୍ଧୁ ସେବା ସଦନରେ କାର୍ଯ୍ୟ କରେ । ତାଙ୍କର କାର୍ଯ୍ୟ ହେଲା ସେ ଲୋକଙ୍କୁ ସଠିକ୍ ପଥ ଦେଖାଇବ । ତେଣୁ ସେ ସବୁବେଳେ ନିଜର କାର୍ଯ୍ୟସାରି ମେସ୍‌ରେ ଥିବା ପିଲାମାନଙ୍କୁ ଉଚିତ ଅନୁଚିତର କଥା କହନ୍ତି ଓ ଶୋଇବାକୁ ଚାଲିଯାଅନ୍ତି । ପ୍ରଥମେ ପ୍ରଥମେ ମେସରେ ଥିବା ପିଲାମାନେ ତାଙ୍କ କଥାକୁ ଗୁରୁତ୍ୱ ଦେଲେ ମାତ୍ର ସବୁବେଳେ ଗୋଟିଏ କଥା କହିବା ଦେଖି ପିଲାମାନେ ସଭ୍ୟ ହେବେ କ'ଣ ସେହି କଥାର ବିପରୀତ ଭାବନା ଯୋଡ଼ିବା ଆରମ୍ଭ କରିଦେଲେ । ତେଣୁ ଏଇଠି ପ୍ରଶ୍ନ ଉଠେ ଶ୍ୟାମବନ୍ଧୁ କ'ଣ ଭୁଲ୍ କରୁଥିଲେ ନା ଠିକ୍ କରୁଥିଲେ । ପିଲାମାନଙ୍କୁ ଉଚିତ ଅନୁଚିତର ମାର୍ଗ ଦେଖାଇବା କ'ଣ ତାଙ୍କର ଭୂଲ ଥିଲା ନା ଠିକ୍ ଥିଲା ? ଏ ପ୍ରଶ୍ନର ଉତ୍ତର ହୁଏତ ଆପଣ ମାନଙ୍କ ନିକଟରେ ନିଶ୍ଚିତ ଥିବ । ଅତିକଥନ ବିପର୍ଯ୍ୟୟର ମୁଖ୍ୟ କାରଣ । ତେଣୁ କଥା ଚାଟୁତାକୁ ଯେତିକି ସୀମିତ କରିବା ସମସାମୟିକ ସମାଜରେ ତାହା ସେତେ ଗ୍ରହଣୀୟ ହେବ । ତେଣୁ ବିଜ୍ଞ ଓ ଅଭିଜ୍ଞ୍ୟ ବ୍ୟକ୍ତିମାନେ ହିଁ ସବୁବେଳେ କମ୍ କଥା କହିବାକୁ ପସନ୍ଦ କରିଥାନ୍ତି । ନଚେତ୍ ରାଧୁକୁ ବାଘ ନେଇଗଲା ନ୍ୟାୟରେ ସମାଜ ଆସ୍ତେ ଆସ୍ତେ ତୁମକୁ ଅଣଦେଖା କରିବା ଆରମ୍ଭ କରିଦେବ ।

ଇଏତ ଗଲା ଓଲଟ ବୃକ୍ଷର ପତ୍ରର ବୀବରଣି । ଏବ ଏଠାରେ ଫୁଲର ରହସ୍ୟକୁ ଉଦ୍ଘାଟନ କରୁଛି । ଫୁଲ ମନର ପ୍ରତୀକ । ଯେଉଁଠି

ଯେତେ ଚମକ ଥାଏ ସେଇଠି ସେତେ ଚଞ୍ଚଳତା ଭରିରହିଥାଏ । ତେଣୁ ମନର ଚଞ୍ଚଳ ସ୍ୱଭାବ ଏତେ ତୀବ୍ର ହୁଏ, ଯାହା ପରବର୍ତ୍ତୀ ସମୟରେ କୀଟବୃକ୍ଷ ହୋଇ ଅକାଳରେ ଝଡ଼ିଯାଏ । ତେଣୁ ଏହାର ରହସ୍ୟକୁ ସରଳ କରିବା ପାଇଁ ରାମାୟଣର ଆଉ ଏକ ବିବରଣୀ ଏଠାରେ ପ୍ରଦାନ କରୁଛି । ବିଶ୍ରବା ନନ୍ଦିନୀ ଜେମାଙ୍କର ଚଞ୍ଚଳ ପଣ ହିଁ ତାଙ୍କୁ କରିଛି ରକ୍ଷ ଓ ବିକୃତ । ବିଶ୍ରବା ନନ୍ଦିନୀ ବାଲ୍ୟ କାଳରେ ପିତାଙ୍କ ଆଶ୍ରମରେ ରହିଛି । ପିତା ବିଶ୍ରବା ଜଣେ ରଷି ତଥା ନୈଷ୍ଟିକ ବ୍ରାହ୍ମଣ ଥିଲେ ଓ ମାତା ରାକ୍ଷସ ସୁମାଲୀ ନନ୍ଦିଣୀ କୈକେଶୀ ରାକ୍ଷସୀ ଥିଲେ ହେଁ ଜେମାଙ୍କର ରାକ୍ଷସି ସ୍ୱରୂପ ସେତେବେଳେ ନଥିଲା । ପିତାଙ୍କ ଦ୍ୱାରା ପ୍ରତିପାଳିତ ହୋଇ ସମସ୍ତ ବେଦ ବେଦାଙ୍ଗ ଶିକ୍ଷା କରିବା ସହିତ ସଂସ୍କାରର ମାଧମଭ ଥିଲେ । ପିତାଙ୍କ ଯଜ୍ଞ ନିମିତ୍ତ କାଷ୍ଠ ସଂଗ୍ରହ, ଫୁଲ ଓ ଫଳ ସଂଗ୍ରହ କରିବା ତାଙ୍କର ନୀତିଦିନର ଦିନଚର୍ଯ୍ୟା ଥିଲା । ମାତ୍ର ବିଶ୍ରବା ନନ୍ଦିନୀଙ୍କର ପରିବର୍ତ୍ତନର ଛବି ଆଶ୍ରମକୁ ବ୍ରହ୍ମଚାରୀ ନାମକ ଏକ କୁଳଶୀଳ ଯୁବକ ବିଦ୍ୟାନ ଲାଗି ଆସିବା ପରଠାରୁ ହୋଇଛି । ରୂପ ଗୁଣରେ ବ୍ରହ୍ମଚାରୀ କାମଦେବଙ୍କୁ ମଧ୍ୟ ଜିଣିଛି । ତେଣୁ ବିଶ୍ରବା ନନ୍ଦିନୀ ତାହାର ରୂପଗୁଣକୁ ଦେଖି ମୁଗ୍ଧା ହୋଇ ଉଠିଛି । ଜୀବନର ଉପନୀତ ବୟସ କାରଣରୁ ମନର ଚଞ୍ଚଳତାକୁ ଆୟତ୍ତ କରିବା ତା ପକ୍ଷେ କଷ୍ଟକର ହୋଇପଡ଼େ । ନିଜର ସଂସ୍କାର ଭୁଲିବାକୁ ନ ଚାହିଁଲେ ବି ସେ ବ୍ରହ୍ମଚାରୀର ଉପସ୍ଥିରେ ସବୁକିଛି ଭୁଲିଯାଏ । ସଖୀମାନଙ୍କ ଗହଣରେ ରହି ଏକ ଧ୍ୟାନରେ ବ୍ରହ୍ମଚାରୀର ଗିତବିଧିକୁ ଲକ୍ଷ୍ୟ କରେ । ତାକୁ ପାଇବାର କାମନା ପ୍ରବଳତର ହୋଇଉଠେ । ହେଲେ ପିତାଙ୍କ ଆଦର୍ଶ କାରଣୁ ନିଜକୁ ସଂଯତ କରିବାରେ ସଫଳ ହୁଏ । ମାତ୍ର ମନର ଚଞ୍ଚଳ ସ୍ୱଭାବ କାରଣରୁ ଏଥିପ୍ରତି ବି ସେ ବିଚଳିତ ହୋଇପଡ଼େ । ଯେତେବେଳେ ଦେଖେ ବ୍ରହ୍ମଚାରୀର ବିଦ୍ୟା ଶେଷ ଓ ସ୍ୱଗୃହକୁମ ପ୍ରତ୍ୟାବର୍ତ୍ତନ କରିବା ସମୟ ଆସି ଉପନୀତ, ତେଣୁ ସେ ନିଜକୁ ନିଜ ଆୟତ୍ତରେ ରଖିପାରେ ନାହିଁ । ପିତାଙ୍କ ସଂସ୍କାର ବାନ୍ଧିପାରେ ନାହିଁ । ତେଣୁ ବିଶ୍ରବା ନନ୍ଦିନୀ ହୋଇଉଠେ ଏବଂ ବ୍ରହ୍ମଚାରୀଙ୍କ ସମ୍ମୁଖରେ ଯାଇ ପ୍ରେମ ଭିକ୍ଷା କରେ । କିନ୍ତୁ ବ୍ରହ୍ମଚାରୀ ଏହି ପ୍ରେମକୁ ପ୍ରତ୍ୟାକ୍ଷାନ କରନ୍ତି । କାରଣ ବାଲ୍ୟକାଳରୁ ତାଙ୍କର ପିତା ଅନ୍ୟ ଜଣକ ସହ ବ୍ରହ୍ମଚାରୀ ବିବାହ କରାଇ ଦେଇଥିବାରୁ ।

ଶେଷରେ ବିଶ୍ରବା ନନ୍ଦିନୀ ନିରାଶ ହୋଇଉଠେ । ନିଜର ରାକ୍ଷସୀ ପ୍ରବୃତ୍ତି ପ୍ରବଳତର ହୋଇଉଠେ । ନିଜକୁ ଉପେକ୍ଷିତା ଅନୁଭବ କରି ସାରା ଅରନ୍ୟରେ ଘୂରିବୁଲେ । ରାକ୍ଷସୀର ସ୍ୱଭାବ ଓ ବ୍ୟବହାର କ୍ରୁରତା କାରଣରୁ ସୂର୍ପଣଖା ପାଲଟିଯାଏ । ଯେଉଁ ସୁନ୍ଦର ପରୁଷକୁ ବନ ମଧ୍ୟରେ ଦେଖେ ନିଜର କାମନା ପୂର୍ଣ୍ଣକରି ତାକୁ ମାରି ଦିଏ । ଏହିପରି ଭାବରେ କେତେକାଳ ବିତିଯାଏ । ମାତା କୈକେଶୀର ରାକ୍ଷସୀ ପ୍ରଭାବ ସମ୍ପୂର୍ଣ୍ଣ ରୂପେ ସୁପଣଖାର ଅଧିନ ପାଲଟିଯାଏ । ବ୍ରହ୍ମାଙ୍କ ବରଦାନରେ ବଳୀୟାନ ହୋଇ ମାୟାବି ରୂପକୁ ଧରି ବନରେ ଏଣେତେଣେ ବିଚରଣ କରିଥାଏ । ଶେଷରେ ସେ ଦେଖେ ଦୁଇ ବନବାସୀ ରାମ ଓ ଲକ୍ଷ୍ମଣକୁ । ରାମଙ୍କ ରୂପ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇଯାଏ ଓ ନିଜର ମାୟାବି ଶକ୍ତି ବଳରେ ଅପରୂପ ସୌନ୍ଦର୍ଯ୍ୟମୟୀ ପାଲଟି ଯାଏ ।   ଏବଂ ରାମଙ୍କ ନିକଟରେ ପ୍ରେମ ଭିକ୍ଷା କରେ ମାତ୍ର ରାମ ମଧ୍ୟ ତାର ପ୍ରେମକୁ ଉପେକ୍ଷା କରନ୍ତି । ଏହାର କାରଣ ସୀତା ବୋଲି ଜାଣି ସୁପଣଖା ସୀତାଙ୍କୁ ମାରିବାକୁ ଅସିବା ବେଳେ ଲକ୍ଷ୍ମଣ ତାର କାନ ଓ ନାକକୁ କାଟି ଦିଅନ୍ତି । ଫଳରେ କଇଁ କଇଁ ରୋଦନ ରେ ସାରା ବନ ପ୍ରକମ୍ପିତ ହୋଇଉଠେ । କୋମଳମତି ବିଶ୍ରବା ନନ୍ଦିନୀ ଶେଷରେ ବିଭସ୍ତମୟୀ ସୁପଣଖା ପାଲଟିଯାଏ । ଏହାର କାରଣ ହେଉଛି ମନର ଚଞ୍ଚଳ ସ୍ୱଭାବ । ତେଣୁ ମନର ଚଞ୍ଚଳତାକୁ ଯଦି ବିଶ୍ରବା ନନ୍ଦିନୀ ଆୟତ୍ତ କରିପାରିଥାନ୍ତା ତେବେ ତେଜୋମୁଖୀ ଫୁଲଟି ଏପରି କୀଟଗ୍ରସ୍ତ ହୋଇ ଅକାଳରେ ଝଡିଯାଇନଥାନ୍ତା ।

ତେଣୁ ମନର ଚଞ୍ଚଳ ସ୍ୱଭାବକୁ ଆୟତ୍ତ କରିବା ଯେତିକି କଠିନ ସେତିକି ବ୍ୟତିକ୍ରମ ମଧ୍ୟ । କେବଳ ସୂର୍ପଣଖା କାହିଁକି ସମଗ୍ର ପ୍ରାଣୀଜଗତ ଏହି ଚଞ୍ଚଳତା କାରଣରୁ ଅନେକ ବୀପରିତ ଦଶାରେ ପଡ଼ି ଶେଷରେ ଆତ୍ମଗ୍ଲାନିରେ ଫାଟି ପଡ଼ନ୍ତି । ବର୍ତ୍ତମାନ ସମାଜକୁ ଦେଖିବା । ସମାଜରେ ଯେଉଁ ପ୍ରେମର ପରିଭାଷାଟି ଦେଖୁଛନ୍ତି ସତରେ କ'ଣ ତାହା ଶାସ୍ୱତ ଓ ସ୍ୱକୀୟା ? ନା କାମ- ଭୋକ ଓ ପରକୀୟା । ଦେଶର କୋଣେ ଅନୁକୋଣେ ଯେଉଁ ପ୍ରେମ ଦେଖୁଛନ୍ତି ବୋଧହୁଏ ଏକ ଶତକରୁ ଦୁଇ ଏକକ ଲୋକଙ୍କୁ ଛାଡିଦେଲେ ବାକି ଭୋଗ ବିଳାସ ପାଇଁ ପ୍ରେମ ନାମକ ପବିତ୍ର ପ୍ରତୀକକୁ ବ୍ୟବହାର କରୁଛନ୍ତି । କଉ କତାକୁ କହିବି ! ଓଡିଶା ରାଜ୍ୟତ ଏହାର ଏକ ଏକ ଇଙ୍ଗ ପ୍ରମାଣ । କେଉଁଠି ପ୍ରେମକରିବା ବାହାନାରେ ସେକ୍ସ ଓ ଧୋକା ଚାଲୁଛିତ କେଉଁଠି ପୁଣି ପ୍ରେମିକର ଶିର ଓ ଶରୀର ଅଲଗା କରିଦିଆ ହେଉଛି । ଆଉ କେଉଁଠି ପ୍ରେମିକାକୁ ଖଣ୍ଡ ଖଣ୍ଡ କରି କାଟି ଫୋପାଡି ଦିଆଯାଉଛି । ତେଣୁ ପ୍ରଚଳିତ ସମାଜରେ ପ୍ରେମ କେତେ ଶସ୍ତା ପାଲଟିଛି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଗଞ୍ଜାମ, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର  ଆଦି ଜିଲ୍ଲା ମାନଙ୍କରେ  ଏହାର ପ୍ରବଳତା ରହିଥରବାର ଏଇ ନିକଟ ଅତୀତରୁ ଅମକୁ ସୂଚନା ମିଳେ । କିନ୍ତୁ ଏହା ବ୍ୟତୀତ ଯେ ଅନ୍ୟ ଜିଲ୍ଲ ଗୋଡିକରେ ଏସବୁ ବିଭସ୍ତ ଚିତ୍ର ଦେଖିବାକୁ ମିଳେନି ତାହା ନୂହେଁ । ସବୁଠି ପ୍ରେମ ଶସ୍ତା ହୋଇଯାଇଛି । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଥରବା ପୂର୍ବର ନିଷ୍ଠା ଓ ଭଲ ପାଇବା ।।ଉ ଦେଖିବାକୁ ମକ୍ଳରନି । ଯାହା ସମାଜକୁ ଅଧଃପତନ ଆଡକୁ ଅଗ୍ରସର କରୁଛି । ତେଣୁ ଗୋଟିଏ କଥାରେ ବୁଝିବାକୁ ଗଲେ ଏହି ଚଞ୍ଚଳ ସ୍ୱଭାବ ହିଁ ସମସ୍ତ ବିଧ୍ୱଂସର କାରଣ । ତେଣୁ ଆୟତ୍ତ କରିବା କାହାକୁ ?

ତୃତୀୟତଃ ଓଲଟ ବୃକ୍ଷ ଫଳକୁ ବିଚାରକୁ ନିଆଯାଉ । ଫଳେଷୁ ବିବେକବାନ । ଫଳର ପ୍ରତୀକ ହେଉଛି ବିବେକ । କୁହାଯାଏ, ବିବେକବାନ ବ୍ୟକ୍ତି ସବୁଠି ଆଦର ଓ ସମ୍ମାନ ପାଏ । ମାତ୍ର ଏହି ସମ୍ମାନର ବଶବର୍ତ୍ତି ହୋଇ ଯିଏ ଅଂହଙ୍କାରରେ ମତ୍ତ ହୁଏ, ତାହାର ବିନାଶର ବାଟ ଖୋଲିଯାଏ । ଯେପରି ବୃକ୍ଷଟି ଫଳରେ ପରିପୂର୍ଣ୍ଣ ହୋଇଥାଏ । ମାତ୍ର ସେ ସେତେବେଳେ ପର୍ଯ୍ୟନ୍ତ ସୁରକ୍ଷିତ ରହେ ଯେପର୍ଯ୍ୟନ୍ତ ଧାରଣ କରିବା ଶକ୍ତିଥାଏ । କିନ୍ତୁ ତା ଠାରୁ ଅଧିକ ହେଲେ ତାର ଡାଳ ଭାଙ୍ଗିପଡ଼େ । ତେଣୁ ପ୍ରକୃତିର ନିୟମ ଦୃଷ୍ଟିରୁ ବୃକ୍ଷଟି ଫଳର ଭାର ବହନ ପାଇଁ କିଛି ଫଳକୁ ଉଚିତ ସମୟରେ ଅଲଗା କରିଦେଇଥାଏ । ଯାହା ଫଳରେ ସେ ସୁରକ୍ଷିତ ରହିବା ସହିତ ବାକିତକ ଫଳ ସଠିକ୍ ଭାବରେ ବିକଶିତ ହୋଇଥାନ୍ତି । ତେଣୁ ଏଠାରେ ଏକ ଯୁକ୍ତି ଉଠେ, ଯେଉଁ ଗଛରେ ଫୁଲଫଳ ହୁଏ ନାହିଁ ସେ କ'ଣ ବୃକ୍ଷର ପଦବାଚ୍ୟ ନୁହେଁ ? ଏହି କଥାର ଉତ୍ତର କହିରଖିବି ଯେ ନା ନୁହେଁ । କାରଣ ସ୍ପଷ୍ଟ କରୁଛି । ସଂସାରରେ ଏମିତି କୌଣସି ବୃକ୍ଷ ନାହିଁ ଯାହାର କି ଫୁଲଫଳ ନାହିଁ । ଏମିତି ଫଳ ନାହିଁ ଯିଏକି ବିଶାଳ ବୃକ୍ଷରେ ପରିଣତ ହୋଇନାହିଁ । ତେଣୁ କଥାର ପ୍ରସଙ୍ଗ ବୁଝିବା ଉଚିତ । ଫଳ ବିହୁନେ ବୃକ୍ଷ ନାଶ । ଅର୍ଥାତ ଫଳ ନାହିଁତ ବୃକ୍ଷ ନାହିଁ । କଥାଟିକୁ ଆହୁରି ସରଳ କରିଦେଉଛି । ଗୋଟିଏ ଚାଷୀ ଦୁଇଟି ନଡ଼ିଆ ଗଛରୁ ଗୋଟିଏ ଗଛରେ ଫୁଲଫଳ ଧରିଛି ମାତ୍ର ଅନ୍ୟ ଗଛଟିରେ ସେପରି କୌଣସି ଲକ୍ଷଣ ନାହିଁ । ତେଣୁ ଚାଷିଟି ଆଉ କିଛି ବର୍ଷ ଅପେକ୍ଷା କଲା ଦେଖିଲା ଗଛଟି ହୃଷ୍ଟପୁଷ୍ଟ ହୋଇଛି ତାର ଚେର ମଧ୍ୟ ଚାରିଆଡ଼େ ଠିକ ଭାବରେ ମାଡିଛି ଫଳରେ ଆଉ କିଛି ଗଛ ଉଠିପାରୁ ନାହିଁ । ତେଣୁ ଚାଷୀଟି ଦେଖିଲା ତାର ଜମିର ଆୟତନକୁ ଏଇ ନିଷ୍ଫଳା ଗଛଟି ମାଡ଼ି ବସୁଛି ଯାହାର କୌଣସି ପ୍ରୟୋଜନ ନାହିଁ । ତେଣୁ ସେ ସେଇ ଗଛଟିକୁ କାଟିଦେଇ ସେଇ ସ୍ଥାନରେ ଅନ୍ୟ ଏକ ଚାରା ରୂପଣ କଲା । ପୁଣି ଦେଖିଲା ଅନ୍ୟ ଗଛଟିରେ ଅବଶ୍ୟକତା ଠାରୁ ଅଧିକ ଭାବରେ କାନ୍ଦିରେ ଅଧିକ ନଡ଼ିଆ ଆସିଛି । ଯାହା ଫଳରେ ପଇଡ଼ ଗୋଡ଼ାକ ସଟିକ୍ ଅନୁପାତରେ ବଢି ପାରୁନାହିଁ । ତେଣୁ ଇଏବି ଗୋଟିଏ ଚିନ୍ତା ର କାରଣ ପାଲଟିଲା ଚାଷୀ ପକ୍ଷରେ । ଏଣୁ ସେ ସେଇ କାନ୍ଦିରୁ କିଛି ପଇଡ଼କୁ କାଟି ବାହାର କରିଦେଲା । ଏଇଠି କଥାଟି ସ୍ପଷ୍ଟ ହେଲା କି ଆବଶ୍ୟକତା ଠାରୁ ଅଧିକ ହେବା ଆଉ ଆଦୌ ନହେବା ଗୋଟିଏ ପ୍ରକାର ଡିଜିଜ୍, ଯାହାର ବିନାଶ ଅନିବର୍ଯ୍ୟ ।

ଏଇ ପ୍ରସଙ୍ଗରେ ରାମାୟଣର ଲଙ୍କାଧିପତି ରାବଣର ପ୍ରସଙ୍ଗ ଉପସ୍ଥାପନ କରୁଛି । ଋଷି ବିଶ୍ରବା ପୂର୍ଣ୍ଣ୍ୟ ବଳରେ ଜାଣୀଥିଲେ ଯେ ତାଙ୍କ ପୁତ୍ର ରାବଣ ଜଣେ ବିବେକବାନ୍, ମାହାଜ୍ଞାନୀ, ବେଦଜ୍ଞ ପଣ୍ଡିତ, ସୁଶାସକ ଓ ଜଣେ ବଡ଼ ଭକ୍ତ ହେବେ । ସେଥିପାଇଁ ସେ କୁବେର, କୁମ୍ଭକର୍ଣ୍ଣ ଓ ବିଭୀଷଣଙ୍କ ମୂଳରୁ ସେ ରାବଣକୁ ସବୁ ପ୍ରକାର ଶିକ୍ଷା ଦେଇଥିଲେ । ହେଲେ ସମୟ ଚକ୍ରର ପ୍ରବାହରେର ସବୁକିଛି ବଦଳିଗଲା । ଗର୍ବ ଅଂହକାରରେ ରାବଣ ବଶବର୍ତ୍ତୀ ହେବାକୁ ଲାଗିଲା । ଧର୍ମ ଅଧର୍ମ ଇତ୍ୟାଦିର ଛାପ ତାଠାରେ ଲିଭିଗଲା । ସେ ଜଣେ ବିବେକବାନ ଥିଲେ । ତାଙ୍କ ପାଖରେ ସନ୍ତର୍ପଣର ଭାବ ଥିଲା । ମାତ୍ର ମାତା କୈକେଶିର ପ୍ରଭାବ ହିଁ ଏସବୁକୁ ଲିଭେଇ ଦେଲା । ତେଣୁ ବିଶ୍ରବା ଋଷି ଅନ୍ୟ ଉପାୟ ନପାଇ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ । ସେ ଜାଣୀଥିଲେ ଯେ ରାବଣ ଯେତେ ବିବେକବାନ୍, ଜ୍ଞାନୀ, ଗୁଣୀ ହେଲେ ମଧ୍ୟ ଅତିବେଶି ଗର୍ବ ଓ ଅହଂକାର ତାକୁ ବିନାଶର ପଥକୁ ନେଉଛି । ଫଳରେ ସମଗ୍ର ଧରଣୀ, ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଆଦି ଲୋକରେ ଅରାଜକତା ଖେଳିଯିବ । ତେଣୁ ଭଗବାନ ବିଷ୍ଣୁ ହିଁ ଏହି ସମାଜରୁ ତାର ଦୁର୍ନୟ ଓ କଳଙ୍କକୁ ନାଶ କରିପାରିବେ । ଫଳରେ ଭଗବାନ ବିଷ୍ଣୁ ରାମ ଅବତାର ଧରି ଧରା ପୃଷ୍ଠରେ ଜନ୍ମଗ୍ରହଣ କଲେ । ଏବଂ ରାବଣ ରୂପି କଦାକାର ଫଳକୁ ବୃକ୍ଷରୁ ଛିଡ଼ାଇ ଫୋପାଡ଼ି ଦେଲେ ।

ଏଣୁ ବୁଝିବା ଦରକାର ଆୟତ୍ତ କରିବା କାହାକୁ ? ମନକୁ, ବଚନକୁ ନା ବିବେକକୁ । ଏସମସ୍ତ ଯଦି ଅଣଆୟ ହୁଅନ୍ତି ତେବେ ସମାଜ କେଉଁ ରସାତଳକୁ ଚାଲିଯିବ ତାହାର କଳନା କରିବା ଅସମ୍ଭବ ହୋଇପଡ଼ିବ । ତେଣୁ କୁହାଯାଏ - 'କୁକୁରକୁ ପୋଡ଼ା ରୁଟି ଦିଅ ସେ ତୁମକୁ ଜୀବନ ଦେବ । ଅଜଗରକୁ କ୍ଷୀର ଦିଅ ସେ ତୁମର ଜୀବନ ନେବ ।' ତେଣୁ ଉଚିତ୍ ସମୟରେ ନିଜକୁ ଆୟତ୍ତ କରିବା ଅତ୍ୟନ୍ତ ଜରୁରୀ ।

**ସହାୟକ ଗ୍ରନ୍ଥସୁଚୀ :**


୧. ଶ୍ରୀମଦ୍‌ଭଗବଦ୍ ଗୀତା, ପ୍ରକାଶକ- ଶିବାଶିଷ କର, ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ, ସପ୍ତମ ସଂ- ୨୦୨୦ ।

୨. ମହୀୟସୀ କୈକେୟୀ(ଉପନ୍ୟାସ), ଶ୍ରୀ ଅର୍ଜୁନ ଚରଣ ପଣ୍ଡା, ପକାଶକ-କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ପ୍ର. ସଂ-୨୦୦୬ ।

୩. ସୋସିଆଲ ମିଡିଆ, ଗଣମାଧ୍ୟମ ଓ ଲୋକକଥାରୁ ଉପାଦାନ ସଂଗ୍ରହ ।


❖ ❖ ❖